## ସଂକ୍ଷେପରେ

### ଭାରୋତ୍ତୋଳନରେ ମୁନାଙ୍କୁ ସ୍ୱର୍ଣ୍ଣ



ବ୍ରହ୍ମପୁର ଅଫିସ୍, ୧୬।୧୦: ବିହାର ଗୟାରେ ଚାଲିଥିବା ଜାତୀୟ ଯୁବ ଏବଂ କନିଷ୍ଠ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ସଫଳତା ମିଳିଛି। ୫୫କିଲୋ ଓଜନ ବର୍ଗରେ ଭାଗ ନେଇଥିବା ମୁନା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ନାଚ୍‌ରେ ୧୦୬ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୨୮ ଭାବେ ମୋଟ ୨୩୪କିଲୋ ଓଜନ ଉଠାଇ ଏହି ସଫଳତା ପାଇଛନ୍ତି। ମୁନାଙ୍କ ଘର ବ୍ରହ୍ମପୁର। ଏଣୁ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

ନବରଙ୍ଗପୁର, ୧୬।୧୦(ବି.ପ୍ର.): ନବରଙ୍ଗପୁର ନିଳକଣ୍ଠ ନଗର ଅଞ୍ଚଳରେ ରହୁଥିବା ବିଳାଶ କୁମାର ମହାରଣାଙ୍କ ସ୍ତ୍ରୀ ସୁନଲିତା ନାଥ ବେକରେ ଶାଢ଼ି ବାନ୍ଧି ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ତିନିବର୍ଷ ତଳେ ସେ ବିବାହ କରିଥିଲେ। ଖବର ପାଇଁ ନବରଙ୍ଗପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ଆଣିଥିଲା। ପରିବାର ଲୋକଙ୍କୁ ପୋଲିସ ଖବର ଦେଇଛି। ପରିବାର ଲୋକଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

ବ୍ରହ୍ମପୁର : ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିଲା ବିଜେଡି

# ରକ୍ତଦାନ ଶିବିର: ୬୧୧ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ, ୧୬।୧୦

ବ୍ରହ୍ମପୁରରେ ବିଜେଡି ପକ୍ଷରୁ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ବୁଧବାର କର୍ମୀ ଓ ନେତାଙ୍କର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି। ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ଡ଼ାଇମଣ୍ଡ ଜୁବୁଲି ଟାଉନ ହଲରେ ହୋଇଥିଲା ମେଗା ରକ୍ତଦାନ ଶିବିର। ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ନବୀନଙ୍କ ରାଜନୈତିକ ଓ ସାମାଜିକ ଜୀବନୀକୁ ନେଇ ଆଲୋଚନାଚକ୍ର ସହ ହିଲପାଟଣାସ୍ଥିତ ବିନାୟକ ପୀଠରେ ବ୍ରାହ୍ମଣ ଭୋଜନ ଓ ନାରାୟଣ ସେବା କରାଯାଇଥିଲା। ଏହି ଅବସରରେ ଗରିବଙ୍କୁ ବସ୍ତ୍ରଦାନ ଓ ଦକ୍ଷିଣା ବ୍ୟବସ୍ଥା ହୋଇଥିଲା।

ରକ୍ତଦାନ ଶିବିରକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗୋପାଳପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ଡ଼. ପ୍ରଦୀପ ପାଣିଗ୍ରାହୀ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ବିଡିଏ ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, କୈଳାସ ରଣା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଯୁବ ବିଜେଡି ସଭାପତି ଧନଞ୍ଜୟ ରାଓ, ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ଦଣ୍ଡପାଣି ନାୟକ, ମମତା ବିଶୋୟୀ, ସୁରେନ୍ଦ୍ର ମହାରଣା, ଜିଲା ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ଯୁବନେତା ଜଗଦୀଶ ସାବତ, ସଚ୍ଚିନ କୁମାର, ସମବାୟ ନେତା ସୁଧୀର ରାଉତ ଓ ଜିଲା ବିଜେଡି ଉପସଭାପତି ସଞ୍ଜିତ ପାଢ଼ୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।



ଶିବିରରେ ରକ୍ତଦାନ କରାଯାଉଛି ।

**ସ୍ୱେଚ୍ଛାକୃତ ରକ୍ତଦାନ କଲେ ୪୦ ମହିଳା, ୨୬ କିନ୍ନର**

ରେଡକ୍ରସ୍ ରକ୍ତ ଭଣ୍ଡାର ମେଡିକାଲ ଅଫିସର ଡ଼ା. ରଶ୍ମିତା ପାଣିଗ୍ରାହୀ ଓ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ଦଳ ନେତା ତୁମ୍ବନାଥ ପଣ୍ଡା ଓ ଅନ୍ୟମାନେ ସହଯୋଗ କରିଥିଲେ। ସନ୍ଧ୍ୟା ସୁଦ୍ଧା ୪୦ ମହିଳା ଓ ୨୬ କିନ୍ନରଙ୍କ ସମେତ ୬୧୧ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବିଧାୟକ ପଣ୍ଡା ସୂଚାଇଛନ୍ତି। ଦିନକରେ ୬୧୧ ୟୁନିଟ ରକ୍ତ ସଂଗ୍ରହ ବ୍ରହ୍ମପୁରରେ ଏବଂ ଏକ ରାଜନୈତିକ ଦଳ ଶିବିରରେ ପ୍ରଥମ ବୋଲି କୁହାଯାଇଛି। ଶିବିର ପାଇଁ ଟାଉନ ହଲ ପରିସର ଓ ସାମ୍ନା ରାସ୍ତାରେ ପ୍ରବଳ ଭିଡ଼ ହୋଇଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ନାକେଦମ ହୋଇଥିଲା। ତେବେ ଶୃଙ୍ଖଳିତ ଭାବେ ଶିବିର ପରିଚାଳିତ ହୋଇଥିଲା।

ସଂସ୍କୃତି ଭବନରେ ହୋଇଥିବା ଆଲୋଚନାଚକ୍ରରେ ଜିଲା ବିଜେଡି ସଭାପତି ଡ଼. ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ପି ଚନ୍ଦ୍ରଶେଖର, ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ଚ୍ୟାଉ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ନବୀନଙ୍କ ରାଜନୈତିକ ଜୀବନ, ଦୀର୍ଘ ବର୍ଷର ସଫଳ ଶାସନ, ହାସଲ କରିଥିବା ଏବଂ ତାଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଦାରିଦ୍ର୍ୟ ଦୂରୀକରଣ ଲାଗି ତାଙ୍କ ଅହରହ ଉଦ୍ୟମର ପ୍ରଶଂସା କରାଯାଇଥିଲା। ବିଜେଡି ନେତା ରାମଚନ୍ଦ୍ର ପଣ୍ଡା, ଉମା ଚରଣ ନାୟକଙ୍କ ସମେତ ବିଭିନ୍ନସ୍ତରର ଲୋକ ଉପସ୍ଥିତ ଥିଲେ। ନବୀନଙ୍କ ଜୀବନୀ ସମ୍ପର୍କିତ ପ୍ରକାଶିତ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପୂର୍ବରୁ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ଓ ଶାସନ ନେଇ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସଂସ୍କୃତି ଭବନରେ ପୁରସ୍କୃତ କରାଯାଇଥିଲା।

### ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସ୍ମାରକପତ୍ର

ନବରଙ୍ଗପୁର, ୧୬।୧୦(ବି.ପ୍ର.)

ନବରଙ୍ଗପୁର ଜିଲାରେ ଦେଖା ଦେଇଥିବା ପରିବହନ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର ଓ ସାମାଜିକ କର୍ମୀ ଅପରାଜିତା ଶତପଥି ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସାକ୍ଷାତ କରି ଏକ ସ୍ମାରକ ପତ୍ର ବୁଧବାର ପ୍ରଦାନ କରିଛନ୍ତି। ବସଗୁଡିକରେ ମହିଳା ଓ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସିଟ ସଂରକ୍ଷଣ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ଅନ୍ୟ ଯାତ୍ରୀମାନେ ଅକ୍ତିଆର କରୁଥିବା ଦେଖାଯାଉଛି। ଫଳରେ ମହିଳା ଓ ଦିବ୍ୟାଙ୍ଗମାନେ ହଇରାଣ ହେଉଛନ୍ତି। ବରିଷ୍ଠ ନାଗରିକଙ୍କ ପାଇଁ ସିଟ ସଂରକ୍ଷଣ ବ୍ୟବସ୍ଥା ଆଇନରେ ନଥିବା ଯୋଗୁଁ ରାଜ୍ୟ ସରକାରଙ୍କ ଠାରେ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ଆଲୋଚନା ହୋଇଥିଲା। ଘରୋଇ ବସ ଗୁଡିକ ଯାତ୍ରୀଙ୍କୁ ଟିକେଟ କିମ୍ବା କୌଣସି ରସିଦ ଦେଉନଥିବା ଓ ଧାର୍ଯ୍ୟଦର ଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଯୋଗୁ ଏଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଜିଲାର ବ୍ଲକ, ପଞ୍ଚାୟତ ଓ ଅନ୍ୟ ଗାଁ ଗୁଡିକରେ ବସ ରହଣୀ ଛକ କରିବା ସହ ଯାତ୍ରୀ ପ୍ରତିକ୍ଷା ଗୃହ କରିବା ପାଇଁ ଆଲୋଚନା ହୋଇଥିଲା। ଅଟୋ ଗୁଡିକ ଭଡା ନିର୍ଦ୍ଧାରଣ କରିବାକୁ କହିଥିଲେ। ଦୀର୍ଘ ସମୟର ଏହି ଆଲୋଚନା ବେଳେ ଯୁଗ୍ମ ପରିବହନ ନିରିକ୍ଷକ ଓ ପରିବହନ ନିରିକ୍ଷକ ଉପସ୍ଥିତ ଥିଲେ।

ମା'ଙ୍କ ରୋଗ ଉପଶମ କରିବାକୁ ଯାଇ

# ପୁଅ ତିଆରି କଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର

ଲୋକନାଥ ମିଶ୍ର
ଖୋର୍ଦ୍ଧା ଅଫିସ, ୧୬।୧୦

ମା'ଙ୍କ ରୋଗ ଉପଶମର ପଥ ଦେଖାଇଲା ନୂଆ ଉପାୟ। ପୁଅ ତିଆରି କରିପକାଇଲେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ତାହା କୁକୁଡ଼ା ଅଣ୍ଡାରୁ ଚିଆଁ ଫୁଟାଇବାରେ ସହାୟକ ହୋଇପାରୁଛି। ମା'ଙ୍କ ରୋଗ ଉପଶମ ହେଲା। ପୁଅ କିନ୍ତୁ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ପାଲଟିଗଲେ। ଯନ୍ତ୍ରକୁ ଦେଖିବାକୁ ଭିଡ ଜମୁଛି ବେଗୁନିଆ ବ୍ଲକର ଚଣ୍ଡିଆପଲ୍ଲୀ ଗାଁରେ। ଚଣ୍ଡିଆପଲ୍ଲୀ ଗାଁରେ ରାକେଶ କୁମାର ସ୍ୱାଇଁ ଓରଫ ପପୁ ଏହି ଯନ୍ତ୍ର ଉଦ୍ଭାବନ କରି ଚର୍ଚ୍ଚାକୁ ଆସିଛନ୍ତି।

ମା'ଙ୍କର ଡାଇବେଟିସ୍ ରୋଗ କମାଇବାକୁ ଦରକାର ପଡିଥିଲା ଝାଡ଼ଖଣ୍ଡ କୁକୁଡ଼ା କଡ଼କନାଥର ଅଣ୍ଡା। ବହୁ ଖୋଜାଖୋଜି ପରେ ଏହି ପ୍ରଜାତିର କୁକୁଡ଼ାର ଅଣ୍ଡା ପପୁ ପାଇ ନ ଥିଲେ। ନିଜ ଗାଁକୁ ଖୋର୍ଦ୍ଧାରୁ ଗଲାବେଳେ ଶରଧାପୁରର ମୁନା ଭାଇଙ୍କ ଗ୍ୟାରେଜରେ କିଛିଦିନ ତଳେ କଡ଼କନାଥ କୁକୁଡ଼ା ଦେଖିବାକୁ ପାଇଥିଲେ। ସେହି କୁକୁଡ଼ାର ଅଣ୍ଡା ମାଗି ମାତ୍ର ଗୋଟିଏ ପାଇଥିଲେ। ଗୋଟିଏ ଅଣ୍ଡା ମା'ଙ୍କୁ ଖାଇବାକୁ ଦେବେ ନାଁ ଏଥିରୁ ଚିଆଁ ଜନ୍ମ କରି ଏହି ପ୍ରଜାତିର କୁକୁଡ଼ାର ବଂଶ ବଢ଼ାଇବେ, ରାତିତମାମ ଚିନ୍ତା କରିଥିଲେ। ଶେଷରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ନିର୍ମାଣ ଉପାୟ ତାଙ୍କୁ ଜୁଟିଥିଲା। ଅଣ୍ଡାଟିକୁ ମା'ଙ୍କୁ ଖାଇବାକୁ ନ ଦେଇ କୁକୁଡ଼ାର ବଂଶ ବଢ଼ାଇବାକୁ ଯନ୍ତ୍ର ପ୍ରସ୍ତୁତିରେ ଲାଗି ପଡ଼ିଲେ। ବଜାରରୁ କିଛି ସରଞ୍ଜାମ ଯୋଗାଡ଼ କରି ତିଆରି କଲେ ଦେଶୀୟ କୌଶଳରେ ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର। ଏହି ଯନ୍ତ୍ରରେ ଏକାଧିକ ଅଣ୍ଡା ଫୁଟାଇ ସାରିଲେଣି। ଏ ନେଇ ପପୁ କୁହନ୍ତି, ଯନ୍ତ୍ର ସହାୟତାରେ ୮୫ରୁ ୯୦ ପ୍ରତିଶତ ଅଣ୍ଡାରୁ ଚିଆଁ ଫୁଟିପାରୁଛି। ୨୦ଦିନ ଅଣ୍ଡା ଯନ୍ତ୍ରରେ ରହିବା ପରେ ଚିଆଁ ଜନ୍ମ ହେଉଛି। ପ୍ରଥମେ ଗୋଟିଏ ଚିଆଁ ବାହାରିଥିଲା। ୨ୟ ଥର ୨୦ଟି ଅଣ୍ଡାରୁ ୧୬ଟି ବାହାରିଛି। ତୃତୀୟ ଥର ପାଇଁ ମଙ୍ଗଳବାର ୪୦ ଅଣ୍ଡାରୁ ଗୋଟିଏ ଚିଆଁ ବାହାରିଛି। ପର୍ଯ୍ୟାୟକ୍ରମେ ଅଣ୍ଡାରୁ ଚିଆଁ ବାହାରିବ ବୋଲି ପପୁ କହିଛନ୍ତି। ପ୍ରଥମ ଚିଆଁ ୫୦ ଦିନର ହୋଇ ସାରିଲାଣି। ଅନ୍ୟଗୁଡିକ ୨୦ଦିନର। ଘରେ ଏବେ କଡ଼କନାଥ, ଆନ୍ଧ୍ର ଦେଶୀ ହାଜରା, ଆନ୍ଧ୍ରର ପ୍ୟାରେଡନୋଜ୍ କୁକୁଡ଼ା ରହିଛନ୍ତି। ପ୍ରଥମ ଯନ୍ତ୍ର କାଗଜ କାର୍ଟୁନରେ ତିଆରି ହୋଇଥିଲା। ପ୍ରଥମ ଯନ୍ତ୍ରର ସଫଳତା ପରେ ୨ୟ ଯନ୍ତ୍ର ପ୍ଲାଏରେ ନିର୍ମାଣ କରିଥିଲି। ଏବେ ୨୫୦ ଅଣ୍ଡାରୁ ଚିଆଁ ଫୁଟିଲା ପରି ଯନ୍ତ୍ର ନିର୍ମାଣ ଚାଲିଛି। ଏଥିରେ ୧୨ ଭୋଲ୍‌ଟ୍‌ର ଡିସି ଫ୍ୟାନ, ୪୦ ପାୱାର ବଲ ଦୁଇଟା, ହିମୋନିଟ ତାପମାତ୍ରାର ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ମେଶିନ୍, ତାପମାତ୍ରା କଣ୍ଟ୍ରୋଲ ପାଇଁ ରିଲେ ମେଶିନ୍, ଅଧା ଲିଟର ପାଣିପାତ୍ର ରହୁଛି। ପ୍ରଥମ ଯନ୍ତ୍ରରେ ୮୦୦ ଟଙ୍କା ଓ ୨ୟ ମେଶିନ୍‌ରେ ୩୫ ଶହ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ଏକ ଅଟୋମେଟିକ୍ ଅଣ୍ଡା ରୋଟେଡ୍ ମେଶିନ ନିର୍ମାଣ ଚାଲିଛି। ବିଦ୍ୟୁତ୍ ବ୍ୟାକ ଅପ୍ ଏଥିରେ ୩ ଘଣ୍ଟା ରହିବ। ୨୫୦ ଗୋଟି ଚିଆଁ ବାହାରିବ।


ଅଣ୍ଡାରୁ ଚିଆଁ ଫୁଟା ଯନ୍ତ୍ର ସହ ରାକେଶ।

**ଆବର୍ଜନାରେ ଫୁଟିବ ଛତୁ**

ମାଟି, କାଠିକୁଟା, କଦଳୀପତ୍ର ପରି ଆବର୍ଜନାରୁ ଛତୁ ଫୁଟିବ। ଦଶମ ଶ୍ରେଣୀ ପାଠ ପଢ଼ିଥିବା ପପୁ ଏ ଦିଗରେ ୮୫ ପ୍ରତିଶତ ସଫଳ ହୋଇ ସାରିଲେଣି। ଖୁବ୍‌ଶୀଘ୍ର ଏ ଦିଗରେ ସଫଳତା ପାଇବେ ବୋଲି ଆଶା ରଖିଛନ୍ତି। ପପୁ ପ୍ରଥମେ ନଡା ଯୋଗେ ଛତୁ ପ୍ରସ୍ତୁତ କରୁଥିଲେ। ତେବେ ନଡା ଅଭାବ ପରେ ଆବର୍ଜନାରୁ ଛତୁ ଫୁଟାଇବାକୁ ଲାଗି ପଡିଛନ୍ତି।

■ ପଶ୍ଚିମବଙ୍ଗରେ ହିନ୍ଦୁ ଅସୁରକ୍ଷିତ ଅଭିଯୋଗ

# ରାଷ୍ଟ୍ରପତି ଶାସନ ଦାବି କଲା ବଜରଙ୍ଗ ଦଳ

ବ୍ରହ୍ମପୁର ଅଫିସ, ୧୬।୧୦

ପଶ୍ଚିମବଙ୍ଗରେ ଜଣକ ପରେ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯାଉଛି। ଗତ କିଛିବର୍ଷ ହେଲା ଏହି ଧାରା ଜାରି ରହିଛି। ସେଠାରେ ହିନ୍ଦୁମାନେ ନିଜକୁ ଅସୁରକ୍ଷିତ ମଣିଲେନି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହିଂସା ରୋକିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ ହିନ୍ଦୁଙ୍କୁ ମାରିବାକୁ ଛାଡ଼ିଦେଉଛନ୍ତି। ଏଣୁ ପଶ୍ଚିମବଙ୍ଗରେ ତୁରନ୍ତ ରାଷ୍ଟ୍ରପତି ଶାସନ ଜାରି କରିବା ଆବଶ୍ୟକ ବୋଲି ବଜରଙ୍ଗ ଦଳ ଗଞ୍ଜାମ ଜିଲା ଶାଖା ପକ୍ଷରୁ କୁହାଯାଇଛି। ବୁଧବାର ଏନେଇ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଅଭିଯୋଗ ହୋଇଛି, ଗତ ୧୦ତାରିଖରେ ମୁର୍ଶିଦାବାଦ୍‌ରେ ବନ୍ଧୁ ପ୍ରକାଶ ପାଲ୍, ତାଙ୍କ ଗର୍ଭବତୀ ସ୍ତ୍ରୀ ଏବଂ ୮ ବର୍ଷର ପୁଅକୁ ଜଘନ୍ୟ ଭାବେ ହତ୍ୟା କରାଯାଇଛି। ଏହା ସମଗ୍ର ହିନ୍ଦୁ ସମାଜକୁ ବ୍ୟଥିତ କରିଛି। ପଶ୍ଚିମବଙ୍ଗରେ ବୃଦ୍ଧି ପାଉଥିବା ହିନ୍ଦୁମାନଙ୍କ ହତ୍ୟା ପାଇଁ ବଙ୍ଗଳାଦେଶୀ ମୁସଲମାନ୍ ଅନୁପ୍ରେଶକାରୀ ଦାୟୀ। ସେମାନଙ୍କ ଭୋଟ୍ ପାଇଁ ମମତା ସରକାର ରାଜ୍ୟରୁ ତଡ଼ିବା ପାଇଁ ପଦକ୍ଷେପ ନେଉନାହାନ୍ତି। ହତ୍ୟାକାରୀଙ୍କୁ ସ୍ଥାନୀୟ ସରକାର ଖୋଲାଖୋଲି ସମର୍ଥନ କରୁଛି। ଏଣୁ ପଶ୍ଚିମବଙ୍ଗରେ ମମତା ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି କରିବା, ବନ୍ଧୁ ପ୍ରକାଶ ପାଲ୍‌ଙ୍କ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସହ ଦୋଷୀଙ୍କୁ ତୁରନ୍ତ ଫାଶି ଦଣ୍ଡଦେବା, ରାଜ୍ୟରେ ଏନ୍ଆର୍‌ସି ଲାଗୁ କରି ବାଂଲାଦେଶୀ ଅନୁପ୍ରେବେଶକାରୀଙ୍କୁ ବାହାର କରିବା, ବାଂଲାଦେଶର ହିନ୍ଦୁମାନଙ୍କୁ ସଂରକ୍ଷଣ ଓ ସୁରକ୍ଷା ପ୍ରଦାନ ସହ ରାଷ୍ଟ୍ରବିରୋଧୀଙ୍କୁ ଚିହ୍ନଟକରି ଆଇନ୍‌ଗତ ଦୃଢ଼ ପଦକ୍ଷେପ ନେବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏଥିସହ ମମତା ବନାର୍ଜୀଙ୍କୁ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ସଂଗଠନ ଜିଲା ସଂଯୋଜକ ନୀଳାଞ୍ଚଳ ବିଷୋୟୀ, ବିଭାଗ ସଂଯୋଜକ ଗୌତମ ମହାରଣା, ନଗର ସଂଯୋଜକ ରାହୁଲ୍ ପାତ୍ର, ଦୀପକ ମହାପାତ୍ର, ଅରୁଣ ପ୍ରସାଦ ପାଢୀ, ହରପ୍ରସାଦସ୍ୱାଇଁ, ନୀଳକଣ୍ଠପ୍ରସାଦ ଗୌଡ଼ ଓ ଧର୍ମେନ୍ଦ୍ର ଦାସ, ଭରତ ଜେନାଙ୍କ ସମେତ ବହୁ କର୍ମୀ ଭାଗନେଇଥିଲେ।



ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର ବସ୍ ମାଲିକ ସଂଘ ନିର୍ବାଚନ

# ରମେଶ ସଭାପତି, ସନ୍ତୋଷ ସମ୍ପାଦକ

ବ୍ରହ୍ମପୁର ଅଫିସ୍, ୧୬।୧୦

ବ୍ରହ୍ମପୁର ବସ୍ ମାଲିକ ସଂଘର ଏକ ବୈଠକ ବୁଧବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ପୁଣି ଥରେ ସଂଘ ସଭାପତି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ ସନ୍ତୋଷ ପତି। ସେହିଭଳି ଅନ୍ୟାନ୍ୟ ପଦବୀଗୁଡ଼ିକ ପାଇଁ ଯଥା ଯୁଗ୍ମ ସମ୍ପାଦକ ଭାବେ ବି.ଦୁର୍ଗା ପ୍ରସାଦ ରାଓ, ରାଧାନାଥ ସାହୁ, ପରାମର୍ଶଦାତା ଭାବେ ମୁନିର ବେଗ୍ ଏବଂ ଦୁର୍ଯ୍ୟୋଧନ ସାହୁ ମନୋନୀତ ହୋଇଥିଲେ। ବ୍ରହ୍ମପୁର ଷ୍ଟାଣ୍ଡ ସମ୍ପାଦକ ଭାବେ ବଳରାମ ପାଣିଗ୍ରାହୀ, ରବି କୁମାର ପଟ୍ଟନାୟକ ଏବଂ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶେଖ ପି. ଅଲ୍ଲୀ, ରମେଶ ଚନ୍ଦ୍ର ନାୟକ, ମହେନ୍ଦ୍ର କୁମାର ଶତପଥୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଇରଶାଦ୍ ଖାନ୍, ପ୍ରଶାନ୍ତ କୁମାର ସ୍ୱାଇଁ, ରାଧାକାନ୍ତ ସାହୁ, ଏ.କେ.ଦୋରା, ଶ୍ରୀକାନ୍ତ କୁମାର ସାହୁ, ସମ୍ପତ କୁମାର ଦାସ, ବଳରାମ ପାଣିଗ୍ରାହୀ, ବି.ଦୁର୍ଗା ପ୍ରସାଦ ରାଓ, ରବି କିଶୋର ପଟ୍ଟନାୟକ, ଆର୍.କେ. ପାତ୍ର, ସାରଥୀ ପଣ୍ଡା, ଅରକ୍ଷିତ ଜେନା ଓ ଗୋପାଳଚନ୍ଦ୍ର ସାହୁଙ୍କ ସମେତ ବହୁ ବସ୍ ମାଲିକ ଉପସ୍ଥିତ ଥିଲେ। ଏଥି ସହ ବସ୍ ମାଲିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା।


ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

# ଅଭିଯୁକ୍ତ ଯୁବକ ଗିରଫ

ବ୍ରହ୍ମପୁର ଅଫିସ, ୧୬।୧୦

ଜନୈକା ନାବାଳିକାଙ୍କୁ ଅପହରଣ ପରେ ନିର୍ଯାତନା ଦେବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତ ଜଣକ ଗୋଷାଣୀନୂଆଗାଁ ଡିପ ସାହିର ସନ୍ତୋଷ ପାଳ (୨୪)। ଉଭୟ ପୀଡ଼ିତା ଏବଂ ଅପହରଣକାରୀଙ୍କୁ ନଗର ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଥିଲା। ଏପରିକି କୋର୍ଟରେ ପୀଡିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା। ବୁଧବାର ମାମଲା ନଂ. ୧୦୫/୧୯ରେ ଅଭିଯୁକ୍ତ ସନ୍ତୋଷଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**ନାବାଳିକାଙ୍କୁ ଅପହରଣ ପରେ ନିର୍ଯାତନା**

ପ୍ରକାଶ ଯେ, ସନ୍ତୋଷ ୨୦୧୮ ଅକ୍ଟୋବର ୧୨ ରେ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଗଣ୍ଡଳା ଗ୍ରାମରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ପରେ ନାବାଳିକାଙ୍କୁ ନେଇ ସେ ମୁମ୍ବାଇ ଚାଲି ଯାଇଥିଲେ। ସେଠାରେ ସେ ତାଙ୍କୁ ବିବାହ କରିଥିଲେ। ଅଗଷ୍ଟ ମାସରେ ସନ୍ତୋଷ ଡ଼ିପ ସାହିରେ ନାବାଳିକାଙ୍କୁ ଆଣି ରଖିଥିଲେ। ପରେ ପୀଡିତାଙ୍କୁ ସନ୍ତୋଷ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିଲେ। ଶେଷରେ ପୀଡ଼ିତା ଏନେଇ ଗତ ୧୪ ତାରିଖରେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ।

# ବନ୍ଦ ହୃତ୍‌ପିଣ୍ଡ ପୁନଃ ଚାଲୁ ହୋଇପାରିବ

ବ୍ରହ୍ମପୁର ଅଫିସ୍, ୧୬।୧୦

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ନିଶ୍ଚେତନ, ଯନ୍ତ୍ରଣା ଉପଶମ ଏବଂ ଗୁରୁତର ଚିକିତ୍ସା ବିଭାଗ ତରଫରୁ ବୁଧବାର ସକାଳେ ବିଶ୍ୱ ନିଶ୍ଚେତନ ଦିବସ ଆୟୋଜିତ ହୋଇଯାଇଛି। ବହିଃ ବିଭାଗ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ହୃଦୟ ପୁନାରମ୍ଭ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଚଳିତ ବର୍ଷର ବିଷୟ ରହିଛି 'ହୃଦୟ ପୁନଃ ସଞ୍ଚାଳନ'। ଜଣେ ବ୍ୟକ୍ତିଙ୍କ ହୃତ୍‌ପିଣ୍ଡ ବନ୍ଦ ହୋଇଯାଇଥିଲେ ମଧ୍ୟ ଜଣେ ସାଧାରଣ ଲୋକ କିଭଳି ଉକ୍ତ ହୃତ୍‌ପିଣ୍ଡକୁ ପୁନଃ କାର୍ଯ୍ୟକ୍ଷମ କରିପାରିବେ, ସେ ସମ୍ପର୍କରେ ଉପସ୍ଥିତ ନିଶ୍ଚେତକମାନେ ବୁଝାଇଥିଲେ। କୌଣସି ବ୍ୟକ୍ତିଙ୍କ ହୃତ୍‌ପିଣ୍ଡ ଯଦି ୮ରୁ ୧୦ ମିନିଟ୍ ବନ୍ଦ ହୋଇଯାଏ ବା ହୃଦ୍‌ଘାତ ହୁଏ, କିମ୍ବା ନାଡ଼ିରେ ଅନିୟମିତତା ଦେଖାଦେଲେ, ମସ୍ତିଷ୍କ, ହୃତ୍‌ପିଣ୍ଡ ଏବଂ ବୃକ୍‌କକୁ ରକ୍ତ ସଂଚାଳନ ବନ୍ଦ ହୋଇଯାଇଥାଏ। ଫଳରେ ଅମ୍ଳଜାନ୍ ଅଭାବ ଯୋଗୁ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥାଏ। ସେହି କ୍ଷେତ୍ରରେ ଯଦି ଦୁଇ ହାତରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବକ୍ଷ ଉପରେ ତୁହାକୁ ତୁହା ଚାପ ପକାଯିବ, ତେବେ ହୃତ୍‌ପିଣ୍ଡ ପୁନଃ କାର୍ଯ୍ୟ କରିଥାଏ। ଏବଂ ତାଙ୍କ ଜୀବନ ବଞ୍ଚିଯିବ। ହୃଦ୍‌ଘାତ ଯୋଗୁ ୧୦ରୁ ୮ଜଣଙ୍କ ମୃତ୍ୟୁ ହୋଇଯାଇଥାଏ। ହେଲେ ଉପରୋକ୍ତ ପ୍ରଣାଳୀ ଦ୍ୱାରା ପ୍ରାୟ ୬/୭ ଜଣଙ୍କ ଜୀବନ ବଞ୍ଚିଯାଇପାରିବ। ଏଣୁ ଏହି ପ୍ରଣାଳୀ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି ନିଶ୍ଚେତନ, ଯନ୍ତ୍ରଣା ଉପଶମ ଏବଂ ଗୁରୁତର ଚିକିତ୍ସା ବିଭାଗ ମୁଖ୍ୟ ପ୍ରଫେସର ଡା. ଦେବପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ମହାବିଦ୍ୟାଳୟ, ଅଗ୍ନିଶମ ବିଭାଗ, ବସ୍‌ଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରଥମ ଦଫାରେ ପ୍ରାୟ ଏକ ହଜାର ଲୋକଙ୍କୁ ହୃତ୍‌ପିଣ୍ଡ ପୁନଃ କାର୍ଯ୍ୟକ୍ଷମ କିଭଳି କରାଯାଇପାରିବ, ସେ ସମ୍ପର୍କରେ ସଚେତନ କରାଯିବ ବୋଲି ପ୍ରଫେସର ଡା. ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡିନ୍ ତଥା ଅଧ୍ୟକ୍ଷ ଡା. ରାଧାମାଧବ ତ୍ରିପାଠୀ, ଅଧୀକ୍ଷକ ଡା. ଚରଣ ପଣ୍ଡା, ପ୍ରଫେସର ଡା. ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ଡା. ହରିହର ପଟ୍ଟନାୟକ, ଆସିଷ୍ଟାଣ୍ଟ ପ୍ରଫେସର ଡା. ଅରୁଣ କୁମାରଙ୍କ ସମେତ ବହୁ ଡାକ୍ତର ଏବଂ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଅଚେତ ବ୍ୟକ୍ତିଙ୍କ ହୃତ୍‌ପିଣ୍ଡକୁ ପୁନଃ କାର୍ଯ୍ୟକ୍ଷମ ସଚେତନତା କରାଯାଉଛି।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ବନ୍ଧୁକ ଦେଖାଇ ଲୁଟିନେଲେ ୬୭ ହଜାର

**ପୁରୁଷୋତ୍ତମପୁର,୧୬ା୧୦(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ଥାନା ଶିକୁଳା-ଅରଖପୁର ରାସ୍ତାରେ ବୁଧବାର ପୁଣି ଜଣେ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୬୭ ହଜାର ୫ଶହ ଟଙ୍କା, ମୋବାଇଲ ଲୁଟି ନେଇଛନ୍ତି। ନଂ.୨୫୮/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପ୍ରକାଶ ଯେ, କୋଦଳାରେ ଥିବା ଅନ୍ନପୂର୍ଣ୍ଣା ମାଇକ୍ରୋ ଫାଇନାନ୍ସ କମ୍ପାନୀର ମହିଳା କର୍ମଚାରୀ କଳ୍ପନା ଆଗ୍ରାସିଂହ ସ୍କୁଟିରେ ଅରଖପୁର ଓ ବାବରାପୁର ଗ୍ରାମରୁ ଟଙ୍କା ସଂଗ୍ରହ କରି ଫେରୁଥିଲେ। ଏକ ବାଇକରେ ଦୁଇ ଜଣ କଳାମୁଖାଧାରି ଯୁବକ ତାଙ୍କୁ ଶିକୁଳା ଅରଖପୁର ରାସ୍ତାରେ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା, ମୋବାଇଲ ଲୁଟି ନେଇ କୋଦଳା ଅଭିମୁଖେ ଚାଲିଯାଇଥିଲେ। ଏପରି ଗତ ୩ ତାରିଖରେ ଗ୍ରାହକ ସେବା କେନ୍ଦ୍ର ପରିଚାଳକଙ୍କ ଠାରୁ ୧ ଲକ୍ଷ ୨୨ହଜାର ଲୁଟି ନେଇଥିବାବେଳେ, ଅରଖପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ବାଇକ, ମୋବାଇଲ, ରେକର୍ଡପତ୍ର ଲୁଟି ନେଇଥିଲେ। ଗୋଟିଏ ପରେ ଗୋଟିଏ ଲୁଟ୍ ଘଟି ଚାଲିଥିଲେ ମଧ ପୋଲିସ ହାତ ଖାଲି। ଲୁଟେରାଙ୍କ ଟେର୍ ପାଉନାହିଁ। ଏଥିପ୍ରତି ଗଞ୍ଜାମ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### 'ସୁନେତ୍ର' ମୁଖ୍ୟମନ୍ତ୍ରୀ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ

**ଧରାକୋଟ,୧୬ା୧୦(ଡି.ଏନ.ଏ.):** ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସୁନେତ୍ର' ମୁଖ୍ୟମନ୍ତ୍ରୀ ଚକ୍ଷୁ ଯତ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଏମ୍‌ଭିକେ ଅଶୋକ, ଡ଼ା. ବ୍ରଜରାଜ କର, ବିପିଏମ୍ ଜର୍ଜ ପଟ୍ଟନାୟକ ଉପସ୍ଥିତ ରହିଥିବା ବେଳେ ଚକ୍ଷୁ ଡ଼ାକ୍ତର ଗିରିଧାରୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ୭୭ ହିତାଧିକାରୀଙ୍କୁ ଚଷମା ପ୍ରଦାନ କରିଥିଲେ। ଏହା ସହ ପଞ୍ଜୀକୃତ ହିତାଧିକାରୀଙ୍କ ପରବର୍ତ୍ତୀ ପର୍ଯ୍ୟାୟରେ ଚଷମା ପ୍ରଦାନ ପାଇଁ କହିଥିଲେ।

## ଦଣ୍ଡ ହାତୀ ହତ୍ୟା ମାମଲା

# ୪ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୬ା୧୦**

ଗଞ୍ଜାମ ଜିଲା ଦୌରା ଜଜ ବିଭୁ ପ୍ରସାଦ ରାଉତରାୟ ବୁଧବାର ଦଣ୍ଡ ହାତୀ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଦଣ୍ଡଙ୍କ ଭଉଣୀ ଓ ଜ୍ୱାଇଁଙ୍କ ସମେତ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜୟନ୍ତୀ ଚୌଧୁରୀ, ତାଙ୍କ ସ୍ୱାମୀ ଲକ୍ଷ୍ମଣ ଓରଫ ଧୁବା ଚୌଧୁରୀ, ଟିଙ୍ଗିରି ଓରଫ ବିକି ଦାସ ଓ ରକି ଦାସ।

ପ୍ରକାଶ ଯେ, ଦଣ୍ଡ ତାଙ୍କ ସ୍ତ୍ରୀ ସୁଚିତ୍ରା ହାତୀଙ୍କ ସହ ଗୋଲାପଲ୍ଲୀ ଦଳିତ ସାହିରେ ରହୁଥିଲେ। ଅନ୍ୟପଟେ ଦଣ୍ଡ ଅନ୍ୟ ଜଣେ ମହିଳା ଅନିତା ପ୍ରଧାନ ଓରଫ ଅନିତା ହାତୀଙ୍କୁ ରକ୍ଷିତା ଭାବେ ଲୋଚାପଡା ରାମକୃଷ୍ଣ ନଗରରେ ରଖିଥିଲେ। ଅନିତାଙ୍କର ଏକ ୧୨ ବର୍ଷର ଝିଅ ଓ ୯ ବର୍ଷର ପୁଅ ଥିଲେ। ୨୦୧୫ ଜୁଲାଇ ୨୪ ରାତିରେ ଅନିତା ଫୋନରେ ଦଣ୍ଡଙ୍କୁ ଘରକୁ ଡାକିଥିଲେ। ୨୫ ତାରିଖରେ ଦଣ୍ଡ ନିଜ ସ୍ତ୍ରୀ ସୁଚିତ୍ରାଙ୍କ ନିକଟକୁ ଫେରି ନ ଥିଲେ। ଫଳରେ ସୁଚିତ୍ରା ଫୋନରେ ଅନିତାଙ୍କୁ ଦଣ୍ଡଙ୍କ ସମ୍ପର୍କରେ ପଚାରିଥିଲେ। ଘଟଣା ଦିନ ରାତିରେ ଦଣ୍ଡ ଝଗଡା କରି ପଳାଇ ଯାଇଛନ୍ତି ବୋଲି ଅନିତା କହିଥିଲେ। କିଛି ଦିନ ପରେ ମଧ ଦଣ୍ଡ ସୁଚିତ୍ରାଙ୍କ ପାଖକୁ ନ ଫେରିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେ ଏନେଇ ବୈଦ୍ୟନାଥପୁର ଥାନାରେ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ଅନ୍ୟପଟେ ସଦର ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାମକୃଷ୍ଣ ନଗର ନିକଟ ବୁଦା ମୂଳରୁ ୨୦୧୫ ସେପ୍ଟେମ୍ବର ୧୨ରେ ଏକ ଖପୁରି ପାଇଥିଲା। ପରେ ଅନ୍ୟ ଏକ ବୁଦା ମୂଳରୁ ୩୪ ଖଣ୍ଡ ହାଡ ଜବତ କରିଥିଲା। ଘଟଣାର ଅନୁସନ୍ଧାନ ବେଳେ ପୋଲିସ ବିକି ଦାସଙ୍କୁ ଗିରଫ କରି ତାଙ୍କୁ ଜେରା ପରେ ଘଟଣାର ପର୍ଦ୍ଦାଫାଶ କରିଥିଲା। ଦଣ୍ଡଙ୍କ ଭଉଣୀ ଜୟନ୍ତୀ ଓ ଜ୍ୱାଇଁ ଲକ୍ଷ୍ମଣଙ୍କୁ ସବୁ ବେଳେ ମାରପିଟ କରିବା ସହ ଜୀବନରେ ମାରିଦେବାକୁ ଧମକଚମକ ଦେଉଥିଲେ।ଏଣୁ ସେମାନେ ପ୍ରତିଶୋଧ ପରାୟଣ ହୋଇଥିଲେ। ଶେଷରେ ଯୋଜନା ମୁତାବକ ଦଣ୍ଡଙ୍କୁ ନିଜ ସ୍ୱାମୀ ଓ ବିକି ଦାସ, ରକି ଦାସଙ୍କ ସହାୟତାରେ ଶାବଳ ଓ ଠେଙ୍ଗାରେ ଅନିତାଙ୍କ ଘରେ ହତ୍ୟା କରି ନିକଟସ୍ଥ ବୁଦାମୂଳେ ଗାତ ଖୋଳି ପୋତି ଦେଇଥିଲେ। ପୋଲିସ ମାମଲା ନଂ. ୧୭୧/୧୫ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ୨ ଜଣ ଜାମିନରେ ଛାଡ ପାଇଥିବା ବେଳେ ଆଜି ଯାଏ ଜୟନ୍ତୀ ଚୌଧୁରୀ ଓ ରକି ଦାସ ମଣ୍ଡଳ କାରାଗାରରେ ବନ୍ଦୀ ଭାବେ ଥିଲେ। ଇତି ମଧରେ ବିଚାର ଚାଲିଥିବା ବେଳେ ଅନିତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ୧୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ୪ ଅଭିଯୁକ୍ତଙ୍କୁ ଜିଲା ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।



ନୂତନ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ନୂତନ କୁଳପତି ଦାୟିତ୍ୱ ନେଲେ ଗୋବିନ୍ଦ ଜେ. ଚକ୍ରପାଣି

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୧୬ା୧୦**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ବୁଧବାର ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ଚକ୍ରପାଣି ପ୍ରଥମେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାପରେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ବେଳେ କୁଳସଚିବ ରଞ୍ଜନ ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କ ସମେତ କର୍ମଚାରୀ ସଂଘ, ଶିକ୍ଷକ ଓ ଅଣଶିକ୍ଷକ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରଫେସର ଚକ୍ରପାଣିଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ଚକ୍ରପାଣି ଏହା ପୂର୍ବରୁ ଆଇଆଇଟି ରୁଡ୍‌କୀରେ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ।

ସୂଚନାଯୋଗ୍ୟ, ଅଗଷ୍ଟ ୨ରୁ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ଦୀର୍ଘ ଦୁଇମାସ ଧରି କୁଳପତି ପଦବୀ ଖାଲି ରହିଥିଲା। ଦୁଇମାସ ପରେ ସେପ୍ଟେମ୍ବର ୩୦ରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କୁଳପତି ଭାବେ ପ୍ରଫେସର ଚକ୍ରପାଣିଙ୍କୁ ନିଯୁକ୍ତ କରିଥିଲେ।

# ଏସ୍‌ପି ଅଫିସ ଆଗରେ ପୋଲିସ ସଂଘର ଧାରଣା

**ଛତ୍ରପୁର,୧୬ା୧୦(ଡି.ଏନ.ଏ.)**

ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ ବୁଧବାର ଶପଥପାଠ କରିଛନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପତିତପାବନ ଚୌଧୁରୀ ଯୋଗଦେଇ ସଂଘ ଏକ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୋଲିସ ମହାସଂଘ ସଭାପତି ସନ୍ତୋଷ ଶତପଥୀ, ମହାସଂଘ ସମ୍ପାଦକ ପଞ୍ଚାନନ ବେହେରା, ଡିଏସ୍‌ପି ସାମୁଏଲ ପ୍ରଧାନ, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗରଙ୍କ ସମେତ ରାଜ୍ୟର ବିଭିନ୍ନ ସଂଘ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଅପରପକ୍ଷରେ ଶପଥ ପାଠ କାର୍ଯ୍ୟକ୍ରମ ପରେ ଅନ୍ୟ ଏକ ଗୋଷ୍ଠୀର କେତେକ ହାବିଲଦାର ଓ କନଷ୍ଟେବଲମାନେ ସେଠାରେ ପହଞ୍ଚି ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ



ଧାରଣା ଦିଆଯାଇଛି।

## ଦୁର୍ବ୍ୟବହାର ଅଭିଯୋଗ

ହୋଇଛି। ଏନେଇ ପ୍ରତିକ୍ରିୟା ପ୍ରକାଶ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଅପରାହ୍ନ ୨ ଟା ୩୦ ମିନିଟରୁ ହାବିଲଦାର ଓ କନଷ୍ଟେବଲ ସଂଘ କର୍ମକର୍ତ୍ତା ଓ ଅନ୍ୟମାନଙ୍କ ପକ୍ଷରୁ ଛତ୍ରପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଘଟଣାସ୍ଥଳକୁ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାଶ ଓ ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପହଞ୍ଚି ଧାରଣାରତ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ଦାବିରେ ଏମାନେ ଧାରଣାରେ ବସି ରହିଛନ୍ତି। ଏସ୍‌ପି ହେଡକ୍ୱାର୍ଟରରେ ଅନୁପସ୍ଥିତ ଥିବାରୁ ସମସ୍ୟା ସମାଧାନ ହୋଇପାରି ନ ଥିବା ଜଣାପଡିଛି। ଖବର ଲେଖା ହେବା ବେଳକୁ ଏହି ଧାରଣା ଚାଲିଥିଲା।

# ପ୍ରହସନ ପାଲଟିଲା ନିଯୁକ୍ତି ମେଳା

**ପାଟପୁର,୧୬ା୧୦(ଡି.ଏନ.ଏ.)**

ସାନଖେମୁଣ୍ଡି ବ୍ଲକ ପକ୍ଷରୁ କୌଶଳ ବିକାଶ ଯୋଜନା ସମ୍ପର୍କିତ ନିଯୁକ୍ତି ମେଳାକୁ ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ ଆନୁଷ୍ଠାନିକ ଭାବେ ସାନଖେମୁଣ୍ଡି ବ୍ଲକ ପରିସରରେ ଉଦ୍‌ଘାଟନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ନିଯୁକ୍ତି ମେଳା ପ୍ରହସନ ପାଲଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ୨୬ ପଞ୍ଚାୟତ ୨୩୮ ଗାଁରୁ ମାତ୍ର ୧୫ ଯୁବତୀ ଯୁବକ ଏହି ମେଳାରେ ଅଂଶଗ୍ରହଣ କରି ନାମ ପଞ୍ଜୀକୃତ କରିଥିଲେ। ଏନେଇ ବିଡିଓ ଗାୟତ୍ରୀଦତ୍ତ ନାୟକଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ସମସ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କୁ ମେଳା ସମ୍ପର୍କରେ ସୂଚନା ଦିଆଯାଇଥିଲା। ବର୍ଷାଯୋଗୁ ଗ୍ରାମାଞ୍ଚଳର ଯୁବତୀ ଯୁବକମାନେ ଏହି ମେଳାରେ ଅଂଶ ଗ୍ରହଣ କରିପାରି ନ ଥିବା କହିଛନ୍ତି।

# ଅପରାଧ ସମୀକ୍ଷା କଲେ ଏସ୍‌ପି

**ବ୍ରହ୍ମପୁର ଅଫିସ,୧୬ା୧୦**

- ସବୁ ମାମଲା ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ
- ପେସାଦାର ଅପରାଧୀଙ୍କ ଉପରେ ନଜର ରଖ
- ବରିଷ୍ଠ ନାଗରିକଙ୍କ ସୁରକ୍ଷା ପ୍ରତି ଧାନ ଦେବାକୁ ପରାମର୍ଶ

ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀଙ୍କୁ ନେଇ ବୁଧବାର ଅପରାଧ ସମୀକ୍ଷା କରିଥିଲେ ଏସପି ପିନାକ ମିଶ୍ର। ଜିଲା ପୋଲିସ କାର୍ଯ୍ୟାଳୟର ସିସିଟିଏନ୍‌ଏସ୍ ସମ୍ମିଳନୀ କକ୍ଷରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରତି ଥାନାରେ ପଡ଼ି ରହିଥିବା ମାମଲାଗୁଡ଼ିକୁ ଯଥାଶୀଘ୍ର ତଦନ୍ତ କରିବାକୁ ସେ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଶେଷ ହେବାକୁ ଆଉ କିଛି ମାସ ବାକି ରହିଛି। ପୁରୁଣା ମାମଲାର ତଦନ୍ତ ସାରିବା ସହ ସମସ୍ତ ମାମଲା ଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାକୁ କୁହାଯାଇଛି। ଯଥାଶୀଘ୍ର ପୁରୁଣା ମାମଲାଗୁଡ଼ିକର ତଦନ୍ତ ସାରି ଫେରାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ମିଶ୍ର କହିଛନ୍ତି। ଥାନା ରେଜିଷ୍ଟାର ଅପଟୁଡେଟ୍ ରଖିବାକୁ ମଧ କୁହାଯାଇଛି। ମୋ ସରକାର ସମ୍ପର୍କରେ ଏସପି ମିଶ୍ର ସମସ୍ତ ଥାନାଧିକାରୀମାନଙ୍କୁ ବୁଝାଇଥିଲେ। ଜନସାଧାରଣ ଯେପରି ନ୍ୟାୟ ପାଇପାରିବେ ସେ ଦିଗରେ ଯଥେଷ୍ଟ ଧାନ ଦେବାକୁ ଥାନାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। କେତେଜଣ ଅଭିଯୁକ୍ତଙ୍କ ନାଁରେ ୱାରେଣ୍ଟ ରହିଛି ତାର ତାଲିକା ପ୍ରସ୍ତୁତ କରିବା ସହ ପ୍ରତି ମାସରେ କେତେଜଣ ୱାରେଣ୍ଟଙ୍କୁ ଗିରଫ କରାଯାଉଛି ସେନେଇ ମଧ ତାଲିକା ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ଥାନାର ରେଜିଷ୍ଟାର ଅପଟୁଡେଟ୍ ରଖିବାକୁ ଏସ୍‌ପି ମିଶ୍ର କହିଛନ୍ତି। ସାଧାରଣ ଜନତା ଓ ମହିଳାଙ୍କୁ ସୁରକ୍ଷା ଦେବା ସହ ଅପରାଧୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ମଧ ସେ କହିଛନ୍ତି। ଅଧିକରୁ ଅଧିକ ମାମଲାରେ ଦୋଷୀ କିଭଳି ଦଣ୍ଡ ପାଇବ। ସେଥିପ୍ରତି ଗୁରୁତ୍ୱ ଦେବାକୁ ଥାନାଧିକାରୀମାନଙ୍କୁ ଏସ୍‌ପି ପରାମର୍ଶ ଦେଇଛନ୍ତି। ମହିଳା ଓ ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ଅତିରିକ୍ତ ଏସ୍‌ପି ରାମକୃଷ୍ଣ ପତି, ଏଚଆରପିସି ଡିଏସ୍‌ପି ଜେ.କେ. ପଟ୍ଟନାୟକ, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## କନ୍ଧମାଳରେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ

# ଜିଲା ପ୍ରଶାସନର ଖବରଦାତା ସମ୍ମିଳନୀ

**ଫୁଲବାଣୀ ଅଫିସ, ୧୬ା୧୦**

କନ୍ଧମାଳ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଜନ୍ମଦିନରେ ଏହା ପୂରଣ କରିଛନ୍ତି। କନ୍ଧମାଳରେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହେବ ବୋଲି ବୁଧବାର ଘୋଷଣା କରିଛନ୍ତ। ଏହି ଘୋଷଣା ପରେ ସମଗ୍ର ଜିଲାବାସୀଙ୍କ ମଧରେ ଆନନ୍ଦର ଲହରୀ ଖେଳି ଯାଇଛି। ଲୋକେ ବାଣ ଫୁଟାଇ ସହରରେ ଅଦିନ ଦୀପାବଳି ମନାଇଛନ୍ତି।

ମେଡିକାଲ କଲେଜ ଘୋଷଣା ନେଇ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମେଡିକାଲ କଲେଜ ହେବା ଜିଲାବାସୀଙ୍କ ପାଇଁ ବଡ ସଫଳତା। ବହୁ ଦିନରୁ ଏହି ଦାବି ହୋଇ ଆସୁଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଏହାକୁ ପୂରଣ କରିଛନ୍ତି। ଆମର ମେଡିକାଲରେ ୨୩୬ଟି ଶଯ୍ୟା ଥିଲା। ମେଡିକାଲ କଲେଜ ହେଉଥିବାରୁ ଏହା ୫୦୦ ଶଯ୍ୟା ବିଶିଷ୍ଟ ହେବ। ସେହିପରି ରୋଗୀକଲ୍ୟାଣ ସମିତି ପାଇଁ ୧୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସେହିପରି ଏସ୍‌ପିଙ୍କୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରାଯାଇଛି। ଯାହା ଜିଲାର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନରେ ବିନିଯୋଗ ହେବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ସମ୍ପର୍କୀୟ ରହିବା ପାଇଁ ବିଶ୍ରାମସ୍ଥଳୀ ନିର୍ମାଣ କରାଯିବ ବୋଲି ମଧ ସୂଚନା ଦିଆଯାଇଥିଲା। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ମନୋରଞ୍ଜନ ରାଉତ, ଜିଲା ପ୍ରୋଗ୍ରାମ ମ୍ୟାନେଜର ବୁଲୁନାଥ ସାହୁ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଜିଲାପାଳ, ଜିଲା ମୁଖ୍ୟଚିକିତ୍ସାଧିକାରୀଙ୍କ ସହ ଅନ୍ୟମାନେ।

## ରାମଚଣ୍ଡୀ ପୀଠକୁ ରାସ୍ତା କାମର ଶୁଭାରମ୍ଭ

# ମଞ୍ଜୁର ହୋଇଛି ୨.୫୦ କୋଟି

**ଛତ୍ରପୁର,୧୬ା୧୦(ଡି.ଏନ.ଏ.)**

ଛତ୍ରପୁର ଉପକଣ୍ଠ ରାମଚଣ୍ଡୀ ପାହାଡ ଉପରେ ଥିବା ରାମଚଣ୍ଡୀ ପୀଠକୁ ବୁଧବାର ଦୁଇ ଥାକିଆ ରାସ୍ତା କାମର ଶୁଭାରମ୍ଭ ହୋଇଛି। ଏହାର ଶୁଭାରମ୍ଭ ବେଳେ ପୂର୍ତ୍ତ ବିଭାଗ ଅଧୀକ୍ଷଣଯନ୍ତ୍ରୀ ବିନୋଦ କୁମାର ପାଢୀ ଉପସ୍ଥିତ ଥିଲେ। ନିର୍ବାହୀଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ପୂଜାର୍ଚ୍ଚନା କରି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ରାସ୍ତା ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହେବା ସହ ଟେଣ୍ଡର ହୋଇଥିଲା। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା ଓସାର ୭ ମିଟର ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ଦିନ ଧରି ଏହି ପୀଠ ପାଇଁ ସ୍ଥାୟୀ ଏବଂ ଉଚ୍ଚମାନର ରାସ୍ତା ନ ଥିବାରୁ ପାହାଡ ଉପରକୁ ଯିବା ଆସିବାରେ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିଲା। ଏହି ରାସ୍ତା ନିର୍ମାଣ ହେଲେ ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ଆସିବା ସମ୍ଭାବନା ସୃଷ୍ଟି ହେବ ବୋଲି କୁହାଯାଇଛି। ଉକ୍ତ ରାସ୍ତା ପାଇଁ ଅର୍ଥ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ମନ୍ଦିର କମିଟି ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏହି କାର୍ଯ୍ୟ ଆରମ୍ଭ ବେଳେ ଛତ୍ରପୁର ପୂର୍ତ୍ତ ବିଭାଗ ସହାକାରୀ ନିର୍ବାହୀ ଯନ୍ତ୍ରୀ ଜି. ରାଜଗୋପାଳ, ସହକାରୀ ଯନ୍ତ୍ରୀ ଏସ୍.କେ. ବେହେରାଙ୍କ ସମେତ ମନ୍ଦିର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



## ଆନ୍ତଃ ମହାବିଦ୍ୟାଳୟ ବ୍ୟାଡମିଣ୍ଟନ, ବାସ୍କେଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ସିଟି, ଡୁରା ଆରଏନ୍ କଲେଜ

**ବ୍ରହ୍ମପୁର ଅଫିସ,୧୬ା୧୦**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୫୦ତମ ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ବ୍ୟାଡମିଣ୍ଟନ ଏବଂ ୫୧ତମ ଆନ୍ତଃ ମହାବିଦ୍ୟାଳୟ ପୁରୁଷ ବାସ୍କେଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ନୂତନ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। କୁଳସଚିବ ରଞ୍ଜନ କୁମାର ବିଶ୍ୱାଳ, ସ୍ନାତକୋତ୍ତର ପରିଷଦ ଅଧକ୍ଷା ଅରୁନ୍ଧତୀ ରଥ, କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳି କସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାସ୍କେଟବଲରେ ୫ ମହାବିଦ୍ୟାଳୟ ଦଳ ଭାଗ ନେଇଥିଲେ। ପୁରୁଷ ବ୍ୟାଡମିଣ୍ଟନରେ ବ୍ରହ୍ମପୁର ସ୍ନାତକୋତ୍ତର ବିଭାଗ ସମେତ ୭ ଓ ମହିଳା ବ୍ୟାଡମିଣ୍ଟନରେ ବ୍ରହ୍ମପୁର ସ୍ନାତକୋତ୍ତର ବିଭାଗ ସମେତ ୪ ମହାବିଦ୍ୟାଳୟର ଦଳ ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତ। ଉଦ୍‌ଘାଟନୀ ଦିବସରେ ପୁରୁଷ ବର୍ଗ ବ୍ୟାଡମିଣ୍ଟନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଆଦିବାଓସୀ କଲେଜ ବାଲିଗୁଡା ଋଷିକୁଲ୍ୟା କଲେଜ ସୋରଡାକୁ ୩-୦ ସେଟରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ଆରସିଏମ୍ ବିଜ୍ଞାନ କଲେଜ ଖଲ୍ଲିକୋଟ କୋରାପୁଟ ସରକାରୀ କଲେଜକୁ ୩-୨ ସେଟରେ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସେହିପରି ବାସ୍କେଟବଲରେ ଅନୁଷ୍ଠିତ ୩ ମ୍ୟାଚରେ ସିଟି କଲେଜ ଓ ଡୁରା ଆରଏନ୍ କଲେଜ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସିଟି କଲେଜ ଓ ଡୁରା ଆରଏନ କଲେଜ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ନେଇ କ୍ରୀଡା ପରିଷଦ ପକ୍ଷରୁ ସୂଚନା ମିଳିଛି। ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଅଫିସିଆଲ ଭାବେ ଦୀପକ ତିୱାରୱାଲା, ଶିବ ପ୍ରସାଦ ପାଢୀ, ଅଚ୍ୟୁତା ନନ୍ଦ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ପୋର୍ଟ୍ସ ଅଫିସର ରବି ଚରଣ ମିଶ୍ର ଓ କୋଚ ରାଜେଶ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ବାସ୍କେଟବଲ ଖେଳର ଏକ ଦୃଶ୍ୟ।

# ମା' ଝିଅଙ୍କୁ ମାଡ଼ ମାରି, ଯୁବକ ଗିରଫ

**ବୁଗୁଡ଼ା,୧୬।୧୦(ଡି.ଏନ.ଏ.)** ବୁଗୁଡ଼ା ଥାନା ବକ୍ସିପଲ୍ଲୀ ଗ୍ରାମରେ ଗୋଟିଏ ପରିବାରର ମା' ଓ ୨ ଝିଅଙ୍କୁ ମାଡ ମାରିବା ଅଭିଯୋଗରେ ବୁଧବାର ବୁଗୁଡ଼ା ପୋଲିସ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଶଙ୍କର ନାୟକ। ଏନେଇ ବୁଗୁଡ଼ା ଥାନାରେ ନଂ.୨୨୪/୧୯ରେ ମାମଲା ରୁଜୁ ହୋଇଥିଲା। ପୂର୍ବ ଶତ୍ରୁତାରୁ ଶଙ୍କରଙ୍କ ମା'ଙ୍କୁ ପଡୋଶୀ ଅହଲ୍ୟା ନାୟକ ଗାଳିଗୁଲଜ କରିଥିଲେ। ଶଙ୍କର ସୋମବାର ପ୍ରତିଶୋଧ ନେବାକୁ ଯାଇ ଅହଲ୍ୟା ଓ ତାଙ୍କ ୨ଝିଅଙ୍କୁ ମାରପିଟ ଓ ଟଣାଓଟରା କରିଥିଲେ।




# ଘରେ ପଶି ଟଙ୍କା,ସୁନା ଲୁଟିଲେ ଦୁର୍ବୃତ୍ତ

**ଖଲିକୋଟ, ୧୬।୧୦ (ଡି.ଏନ.ଏ.)** ଖଲ୍ଲିକୋଟ ବ୍ଲକ କନ୍ଦିଗାଁରେ ଟୁକୁନା ସ୍ୱାଇଁଙ୍କ କବାଟ ଭାଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଟଙ୍କା ଓ ସୁନା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଖରାପ ଥିବାରୁ ଚିକିତ୍ସା ପାଇଁ ଟୁକୁନା ଏବଂ ତାଙ୍କ ସ୍ତ୍ରୀ ଭୁବନେଶ୍ୱର ଚାଲି ଯାଇଥିଲେ। ଘରେ ବିଧବା ମା' ଓ ସାନଭାଇ ଏବଂ ତାଙ୍କ ସ୍ତ୍ରୀ ଥିଲେ। ମଙ୍ଗଳବାର ମଧ୍ୟରାତିରେ କେତେଜଣ ଡକାୟତ ବାଡ଼ିପଟ ଗ୍ରୀଲ ତାଡି ଘରେ ପଶିଥିଲେ। ସାନଭାଇ ମୁନା ଓ ତାଙ୍କ ସ୍ତ୍ରୀ ଥିବା କୋଠରୀର ବାହାରପଟୁ ବନ୍ଦ କରି ଦେଇଥିଲେ। ତାଙ୍କ ମା'ଙ୍କୁ ଧକ୍କା ମାରି ବେକରୁ ସୁନାମାଳି ଛିଡ଼ାଇ ନେଇଥିଲେ ଏବଂ ଟୁକୁନାଙ୍କ କୋଠରୀରୁ ଆଲମାରି ଓ ଟିଣ ବାକ୍ସ ବାହାରକୁ ନେଇ ଭାଙ୍ଗି ସେଥିରେ ଥିବା ପ୍ରାୟ ୫ ତୋଳା ସୁନା ଅଳଙ୍କାର, ନଗଦ ଟଙ୍କା ଲୁଟି ନେଇଥିଲେ। ବୁଧବାର ମା' ଅପାଳି ଖଲିକୋଟ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏସ୍‌ଆଇ ଶିଲୁ ଧଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି।

# ମ୍ୟାଲେରିଆରେ ଜଣେ ମୃତ

**ପାତ୍ରପୁର,୧୬।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ଢେ଼ପସାହିରେ ବୁଧବାର ଜଣେ ବ୍ୟକ୍ତିଙ୍କର ମ୍ୟାଲେରିଆରେ ମୃତ୍ୟୁ ଘଟିଛି। ସେ ହେଲେ କନ୍ତାରୁ କାର୍ଯୀ (୪୮)। ସୂଚନା ମୁତାବକ ଗତ ମାସେ ହେଲା କାନ୍ତାରୁ ଜ୍ୱରରେ ପିଡ଼ିତ ଥିବାବେଳେ ପ୍ରଥମେ ପାତ୍ରପୁର, ତୁମ୍ବା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। ପରେ ଗୁରୁତର ହେବାରୁ ଗତ ୧୪ ତାରିଖରେ ତାଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ